ଓଡିଶା ସରକାର

# 2000 – 2001

# ଆର୍ଥିକ ବର୍ଷର ଲେଖାନୁଦାନ

ଓଡିଶା ବିଧାନ ସଭାରେ ଉପସ୍ଥାପନ କରି

ରାଜ୍ୟ ଅର୍ଥ ମନ୍ତ୍ରୀ

ଶ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ

ଅଭିଭାଷଣ

ମାର୍ଚ୍ଚ 23, 2000

ବାଚସ୍ପତି ମହୋଦୟ,

ନବଗଠିତ ଦ୍ୱାଦଶ ବିଧାନସଭାର ନବନିର୍ବାଚିତ ସଦସ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଓଡିଶାବାସୀ ଗତ ଶାସନ ପ୍ରତି ବୀତସ୍ପୃହ ହୋଇ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟିକୁ ଯେଉଁ ଭଳି ବିପୁଳ ସଂଖ୍ୟକ ଭୋଟରେ ଗାଦି ଆସୀନ କଲେ ସେଥିପାଇଁ ଓଡିଶା ବାସୀଙ୍କୁ ମୁଁ ଓ ମୋର ମେଣ୍ଟବନ୍ଧୁମାନଙ୍କ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଗତ ପାଞ୍ଚବର୍ଷର ଶାସନ କାଳରେ ରାଜ୍ୟର ଅର୍ଥନୈତିକ ପରିସ୍ଥିତି ଯେଉଁ ଭଳି ବିପର୍ଯ୍ୟସ୍ତ ହୋଇପଡିଛି ଓ ରାଜ୍ୟର ଋଣଭାର ଯେଭଳି ଅସ୍ୱାଭାବିକ ରୀତିରେ ବୃଦ୍ଧି ଘଟିଛି ତାହାକୁ ଅତିକ୍ରମ କରି ରାଜ୍ୟବାସୀଙ୍କର ଆଶା ଆକାଂକ୍ଷା ପରିପୂର୍ଣ୍ଣ କରିବା ଯେ କେତେ ବଡ ଦୂରୁହ ବ୍ୟାପାର ସେକଥା ସମସ୍ତ ମାନ୍ୟବର ସଭ୍ୟମାନଙ୍କୁ ଅବଗତ ଅଛି । ଏ ଗୃହର ମାନ୍ୟବର ସଭ୍ୟମାନଙ୍କ ସମକ୍ଷରେ 2000–01 ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଲେଖାନୁଦାନ ଦାବୀ ଉପସ୍ଥାପନ କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେକରୁଛି । ଏହି ଅବସରରେ ଗତ ପାଞ୍ଚ ବର୍ଷରେ ଘଟିଥିବା ଚରମ ଅର୍ଥନୈତିକ ବିଶୃଙ୍ଖଳା ଓ କୁପରିଚାଳନା ସମ୍ଭୂତ ରାଜ୍ୟର ଅସ୍ୱାଭାବିକ ଅର୍ଥନୈତିକ ଦୁର୍ଗତି ସାଙ୍ଗକୁ ଗତବର୍ଷର ଅଭୂତପୂର୍ବ ମହାବାତ୍ୟା ଓ ବନ୍ୟା ଦ୍ୱାରା ରାଜ୍ୟବାସୀଙ୍କ ଅର୍ଥନୈତିକ

ମାନଦଣ୍ଡ ସମ୍ପୂର୍ଣ୍ଣ ଚୂର୍ଣ୍ଣୀଭୂତ ହୋଇଯାଇଛି । ଏହି ଅଭୂତପୂର୍ବ ଦୈବୀଦୁର୍ବିପାକ ସରକାରଙ୍କ ଉପରେ ନ୍ୟସ୍ତ ଦାୟିତ୍ୱ ସାଙ୍ଗକୁ ବୋଝ ଉପରେ ନଳିତାବିଡା ସମ ହୋଇଛି । ଏହି ଘୋର ବିପତ୍ତିରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ଆମ ଉପରେ ଯେଉଁ ଗୁରୁଦାୟିତ୍ୱ ପଡିଛି ତାହାକୁ ସରକାର ଏକାକୀ ତୁଲାଇବା କଷ୍ଟସାଧ୍ୟ । ଦଳମତ ନିର୍ବିଶେଷରେ ଏ ଗୃହର ସମସ୍ତ ମାନ୍ୟବର ସଭ୍ୟମାନଙ୍କ ସର୍ବାନ୍ତକରଣ ସହଯୋଗ ବିନା ଏ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ସେଥିପାଇଁ ମୁଁ ଦଳମତ ନିର୍ବିଶେଷରେ ଏ ଗୃହର ସମସ୍ତ ମାନ୍ୟବର ସଭ୍ୟମାନଙ୍କୁ ଏହି ଗୁରୁଦାୟିତ୍ୱ ତୁଲାଇବାରେ ସରକାରଙ୍କୁ ସହଯୋଗର ହସ୍ତପ୍ରସାରଣ କରିବା ପାଇଁ ବିନମ୍ର ନିବେଦନ କରୁଛି । ଓଡିଶାର ଜନସାଧାରଣ ବିଜୁ ଜନତାଦଳ ଓ ଭାରତୀୟ ଜନତା ପାର୍ଟିର ମେଣ୍ଟ ଉପରେ ଯେଉଁ ବିରାଟ ଆସ୍ଥା ପ୍ରକଟ କରି ଏତେ ବିପୁଳ ସଂଖ୍ୟାରେ ବିଜୟୀ କରିଛନ୍ତି, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ଓଡିଶାର ବିପର୍ଯ୍ୟସ୍ତ ଅର୍ଥନୈତିକ ସ୍ଥିତି ସତ୍ତ୍ୱେ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଆମ ସରକାର ସମସ୍ତ ଆନ୍ତରିକ ଓ ନିଷ୍ଠାପର ଉଦ୍ୟମ କରିବ । ରାଜ୍ୟର ବର୍ତ୍ତମାନର ଶୋଚନୀୟ ଅର୍ଥନୈତିକ ସ୍ଥିତି ବାବଦରେ ଆପଣମାନଙ୍କୁ ତଥା ଏ ଗୃହ ଜରିଆରେ ଗଣତନ୍ତ୍ରର ସର୍ବୋଚ୍ଚ ମାଲିକ ଓଡିଶାର ଜନସାଧାରଣଙ୍କ ଅବଗତି ନିମନ୍ତେ ମୁଁ ପରବର୍ତ୍ତୀ ଅଧ୍ୟାୟ ମାନଙ୍କରେ ବର୍ଣ୍ଣନା କରିବି । ବର୍ତ୍ତମାନ ପାଇଁ

ବିଗତ ସରକାରମାନଙ୍କ ବେଳେ ରାଜସ୍ୱ ନିଅଣ୍ଟର ପରିମାଣର ଏକ ତୁଳନାତ୍ମକ ଚିତ୍ର ପରିଶିଷ୍ଟ – 'କ' ରେ ସଂଲଗ୍ନ କରାଗଲା ।

2. ମହୋଦୟ, 2000–01 ଆର୍ଥିକ ବର୍ଷ ଲାଗି ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କରିବା ସମ୍ଭବ ହୋଇପାରୁ ନ ଥିବାରୁ ମୁଁ ବାଧ୍ୟ ହୋଇ ବର୍ଷର ପ୍ରଥମ ଚାରିମାସ ପାଇଁ ଏହି ଲେଖାନୁଦାନ ଦାବୀ ଉପସ୍ଥାପନ କରିବାକୁ ଯାଉଛି । ତଥାପି କେଉଁ କାରଣ ମାନଙ୍କ ପାଇଁ ମୁଁ ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କରିପାରିଲି ନାହିଁ ସେଥିପାଇଁ ମୁଁ ଏହି ପବିତ୍ର ଗୃହ ସମକ୍ଷରେ କାରଣ ଉପସ୍ଥାପନ କରିବା ପାଇଁ ଉତ୍ତରଦାୟୀ । ଏହି କାରଣମାନଙ୍କ ଭିତରୁ କେତୋଟି ମୁଖ୍ୟ କାରଣ ଏହି ମହନୀୟ ଗୃହର ଅବଗତି ପାଇଁ ପ୍ରକାଶ କରୁଅଛି ।

(କ) 2000–01 ମସିହା ପାଇଁ ରାଜ୍ୟର ବାର୍ଷିକ ଯୋଜନାର ରୂପରେଖ ଗତ ସରକାର ବେଳେ କର୍ମଚାରୀମାନଙ୍କ ସ୍ତରରେ ଚୂଡାନ୍ତ ଆଲୋଚନା ହୋଇ 1894.21 କୋଟି ଟଙ୍କାରେ ସ୍ଥିର ହୋଇଥିଲେ ମଧ୍ୟ ଏହା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନା କାର୍ଯ୍ୟକ୍ରମକୁ ସ୍ଥିତାବସ୍ଥାରେ ବି ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ଆମ ସରକାର ବିଚାର କରୁଥିବାରୁ ଯୋଜନା କମିଶନ ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ ଚୂଡାନ୍ତ ଆଲୋଚନାର ଆବଶ୍ୟକତା ଅଛି । ଏହି ଆଲୋଚନା

ପରେ ରାଜ୍ୟର ବାର୍ଷିକ ଯୋଜନାର ରୂପରେଖ ଚୂଡାନ୍ତ ହେବ । ବାର୍ଷିକ ଯୋଜନାର ରୂପରେଖ ଚୂଡାନ୍ତ ନହେଲେ ଫଳପ୍ରଦ ବଜେଟ ପ୍ରସ୍ତୁତି ସମ୍ଭବ ନୁହେଁ ।

(ଖ) ଏକାଦଶ ଅର୍ଥ କମିଶନ ତାଙ୍କର ମଧ୍ୟବର୍ତ୍ତୀକାଳୀନ ସୁପାରିଶ କେନ୍ଦ୍ର ସରକାରଙ୍କୁ ଦେଇଥିବା ସମ୍ବାଦ ପ୍ରକାଶିତ ହୋଇଥିଲେ ମଧ୍ୟ ସେ ବାବଦରେ କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାରଙ୍କ ନିକଟକୁ କୌଣସି ସଙ୍କେତ ଆସିନାହିଁ । ଯେହେତୁ ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ବଜେଟର ରୂପରେଖ ଉପରେ ପ୍ରଭୂତ ପ୍ରଭାବ ପକାଇବ ତେଣୁ ସେ ବିଷୟରେ ଜାଣିବା ପରେ ହିଁ ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କରିବା ସମୟୋପଯୋଗୀ ହେବ ବୋଲି ସରକାର ବିଚାର କରନ୍ତି ।

(ଗ) ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 206 ର ବିଧିବ୍ୟବସ୍ଥାନୁଯାୟୀ ଏ ଭଳି ଲେଖାନୁଦାନ ଦାବୀ ମଞ୍ଜୁର କରିବାର କ୍ଷମତା ଏହି ସମ୍ମାନୀୟ ଗୃହର ଅଛି ।

ଅନ୍ୟ କାରଣ ସହ ଉପରୋକ୍ତ ମୁଖ୍ୟ କାରଣ ମାନଙ୍କ ହେତୁ ସରକାର ସମ୍ପୂର୍ଣ୍ଣ ବଜେଟ ଗୃହରେ ଉପସ୍ଥାପନ ନକରି ଲେଖାନୁଦାନ ଦାବୀ ଉପସ୍ଥାପନ କରୁଛନ୍ତି । ମୁଁ ଆଶା କରୁଛି ଗୃହର ମାନ୍ୟବର

ସଦସ୍ୟମାନେ ଉପରୋକ୍ତ କାରଣ ମାନଙ୍କ ପାଇଁ ଲେଖାନୁଦାନ ଦାବୀ ଉପସ୍ଥାପନ ପ୍ରତି ସହନଶୀଳ ହେବେ ।

3. ଏହି ପରିସ୍ଥିତିରେ 2000–01 ଆର୍ଥିକ ବର୍ଷର ପ୍ରଥମ ଚାରି ମାସର ବ୍ୟୟ ମଞ୍ଜୁରୀ ଲାଗି ମୁଁ ଏ ଗୃହରେ ଲେଖାନୁଦାନ ପ୍ରସ୍ତାବ ଆଗତ କରୁଛି । 2000 ମସିହା ଏପ୍ରିଲ୍‌ରୁ ଜୁଲାଇ ପର୍ଯ୍ୟନ୍ତ ଆନୁମାନିକ ବ୍ୟୟ 4805.47 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ବ୍ୟବସ୍ଥା ଭିତରେ ବିଧାୟକମାନଙ୍କ ପାଇଁ ସମୁଦାୟ ବର୍ଷ ନିମନ୍ତେ ନିର୍ଦ୍ଦିଷ୍ଟ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଏବଂ ନିର୍ବାଚନ ମଣ୍ଡଳୀୟ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଣ୍ଠିକୁ ବାତ୍ୟୋତ୍ତର ଆବଶ୍ୟକତା ଓ ଜନସାଧାରଣଙ୍କ ଜରୁରୀ ଚାହିଦାକୁ ଆଖି ଆଗରେ ରଖି ଏ ବାବଦ ପୁରା ବର୍ଷର ଅର୍ଥକୁ ଲେଖାନୁଦାନରେ ଅର୍ନ୍ତଭୁକ୍ତ କରାଯାଇଛି । ବାତ୍ୟା ଅଞ୍ଚଳର ସାହାଯ୍ୟକୁ ଅବାରିତ, ତ୍ୱରାନ୍ୱିତ ଓ ବେଗଶୀଳ କରିବାପାଇଁ ଏବଂ ବାତ୍ୟାଞ୍ଚଳ ସାହାଯ୍ୟ କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ ଚଳାଇବା ପାଇଁ ଲେଖାନୁଦାନ ଦାବୀରେ ଏହି ମାତ୍ର ଚାରି ମାସ ପାଇଁ ମଧ୍ୟ 365 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ରାଜସ୍ୱ ନଅଣ୍ଟ 1990–91 ରେ 19.59 କୋଟି ଟଙ୍କା ଥିଲା ବେଳେ 1994–95 ରେ ରାଜସ୍ୱ ନଅଣ୍ଟ ପରିମାଣ 459.65 କୋଟି କୁ ବୃଦ୍ଧି ପାଇଥିଲା କିନ୍ତୁ ଗତ କଂଗ୍ରେସ ସରକାରଙ୍କ ଶାସନ କାଳର ପାଞ୍ଚବର୍ଷ ଭିତରେ

ଏହା ଆକାଶଛୁଆଁ ବୃଦ୍ଧିଘଟି 1998–99 ରେ 2264.75 କୋଟି ଟଙ୍କାରେ ପହଞ୍ଚିଥିଲା ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ତାହା 2170 କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଏହି ପରିମାଣ ରାଜ୍ୟରେ ବିଜୁ ପଟ୍ଟନାୟକଙ୍କ ସରକାର ବେଳର ରାଜସ୍ୱ ନଅଣ୍ଟ ପରିମାଣର ପାଞ୍ଚଗୁଣରୁ ବି ଅଧିକ । ଏଥିରୁ ସ୍ପଷ୍ଟ ଯେ ବର୍ଷର ସମୁଦାୟ ଋଣର ପରିମାଣ ରାଜସ୍ୱ ନଅଣ୍ଟ ଭରଣା କରିବାରେ ହିଁ ବିନିଯୁକ୍ତ ହେଉଅଛି । 1998–99 ମସିହାରେ ଭବିଷ୍ୟନିଧି ପାଣ୍ଠିକୁ ଛାଡି ରାଜ୍ୟର ସମୁଦାୟ ଋଣ ପରିମାଣ କେବଳ ରାଜସ୍ୱ ନଅଣ୍ଟକୁ ଭରଣା କରିବା ପାଇଁ ନଅଣ୍ଟ ହେବାରୁ ଭବିଷ୍ୟନିଧି ପାଣ୍ଠି ଓ ଅନ୍ୟ ସୂତ୍ରରୁ ଋଣ କରି 171.41 କୋଟି ଟଙ୍କା ଭରଣା କରିବାକୁ ପଡିଥିଲା । ରାଜସ୍ୱ ନଅଣ୍ଟ ଭରଣା କରିବାକୁ ଅଧିକ ଋଣ କରିବା ଏବଂ ଅନ୍ୟାନ୍ୟ କାରଣ ହେତୁ 31.03.2000 ସୁଦ୍ଧା ରାଜ୍ୟର ସମୁଦାୟ ଋଣଭାର 17681.୫୨ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଫଳରେ ମୁଣ୍ଡପିଛା ଋଣଭାର 1994–95 ଶେଷସୁଦ୍ଧା 2361.43 ଟଙ୍କା ଥିଲାବେଳେ 1999–2000 ମସିହା ଶେଷସୁଦ୍ଧା 4791.82 ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

4. ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଠାରୁ 1994–95 ମସିହା ଶେଷ ପର୍ଯ୍ୟନ୍ତ 58 ବର୍ଷ ଭିତରେ

ରାଜ୍ୟର ସମୁଦାୟ ଋଣଭାର (ଭବିଷ୍ୟନିଧି ପାଣ୍ଠି ବ୍ୟତୀତ) 5997.46 କୋଟି ଓ ଭବିଷ୍ୟନିଧି ପାଣ୍ଠିରୁ ନେଇଥିବା ଅର୍ଥ ପରିମାଣ 1960.55 କୋଟି ହୋଇଥିଲା ବେଳେ ଗତ ପାଞ୍ଚବର୍ଷର ସରକାରଙ୍କ ବେଳେ (ଭବିଷ୍ୟନିଧି ପାଣ୍ଠିକୁ ଛାଡି) ଋଣଭାର 12961.76 କୋଟି ଓ ଭବିଷ୍ୟନିଧି ପାଣ୍ଠିରୁ ନେଇଥିବା ଅର୍ଥ ପରିମାଣ 4720.07 କୋଟି ଟଙ୍କା । 1999-2000 ମସିହା ଶେଷସୁଦ୍ଧା ରାଜ୍ୟର ସମୁଦାୟ ଋଣଭାର 17681.83 କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏଠାରେ ଉଲ୍ଲେଖନୀୟ ଯେ ଚଳିତ ଶତାବ୍ଦୀର ସର୍ବବୃହତ୍ ନଅଣ୍ଡ ବୋଝ ଗତ କଂଗ୍ରେସ ସରକାରଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ଆମେ ଲାଭ କରିଛୁ ।

5. ରାଜ୍ୟର ଦୟନୀୟ ଆର୍ଥିକ ସ୍ଥିତି ବାବଦରେ ମୁଁ ମାନ୍ୟବର ସଭ୍ୟମାନଙ୍କ ନିକଟରେ ଉପରୋକ୍ତ କେତେକ ତଥ୍ୟ ଚୁମ୍ବକରେ ମାତ୍ର ଉପସ୍ଥାପନ କଲି । ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଏବଂ ରାଜ୍ୟକୁ ଋଣ ଯନ୍ତ୍ରାରୁ ଉଦ୍ଧାର କରିବା ନିମନ୍ତେ ଅତିରିକ୍ତ ସମ୍ବଳ ସଂଗ୍ରହ ଜରିଆରେ ଅଧିକ ରାଜସ୍ବ ଆଦାୟ କରିବା ସହିତ କଠୋର ମିତବ୍ୟୟିତା ଏବଂ ପ୍ରଶାସନିକ ବ୍ୟୟ ସଂକୋଚନ ଭଳି କେତେକ ଦୃଢ ପଦକ୍ଷେପ ନେବାକୁ ହେବ । ଏହା ବ୍ୟତୀତ ରାଜ୍ୟକୁ ବର୍ତ୍ତମାନର ଭୟାନକ ପରିସ୍ଥିତିରୁ ଉଦ୍ଧାର କରିବାପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ

କଲାବେଳେ ସରକାର ନିଜସ୍ୱ ସମ୍ବଳ ବୃଦ୍ଧି ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ଏବଂ ରାଜସ୍ୱ ବ୍ୟୟ ସଂକୋଚନ ପାଇଁ ନେଇଥିବା କଠୋର ଅର୍ଥନୈତିକ ନିଷ୍ପତ୍ତିଗୁଡିକର ସମ୍ୟକ ସୂଚନା ଏହି ପବିତ୍ର ଗୃହରେ ଉପସ୍ଥାପନ କରିବି । ସେଥିପାଇଁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମାନ୍ୟବର ସଭ୍ୟମାନେ ରାଜନୈତିକ ବିଚାରରୁ ଊର୍ଦ୍ଧ୍ୱରେ ରହି ରାଜ୍ୟର ସାମୂହିକ ସ୍ୱାର୍ଥ ପାଇଁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବେ ବୋଲି ମୁଁ ଆଶାବାଦୀ ହେବା ସ୍ୱାଭାବିକ । ରାଜ୍ୟର ବାତ୍ୟାଥିଳରେ ପୁର୍ନବାସ କାର୍ଯ୍ୟକ୍ରମ ପାଇଁ ବିଶ୍ୱବ୍ୟାଙ୍କ, ବ୍ରିଟିଶ ସରକାରଙ୍କ ଆର୍ନ୍ତଜାତିକ ଉନ୍ନୟନ ବିଭାଗ, ଆର୍ନ୍ତଜାତିକ ଶିଶୁ ପାଣ୍ଠିମାନଙ୍କଠାରୁ ଆରମ୍ଭକରି ନାବାର୍ଡ ଓ ଅନ୍ୟାନ୍ୟ ଦେଶୀୟ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କୁ ଉଦାର ମନୋଭାବ ପୋଷଣ କରି ଓଡିଶା ରାଜ୍ୟର ପୁନ:ରୁଥାନରେ ସହାୟତା ଯୋଗାଡ କରିବା ପାଇଁ ଆମ ସରକାର ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି । ଏ ଦିଗରେ ଆଗତ ବର୍ଷରେ ଏକହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିପାରିବ ବୋଲି ଆଶା । ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ନିକଟରେ ଓଡିଶାର ଯଥାଯଥ ଦାବିକୁ ଉପସ୍ଥାପନ କରି ଅଧିକ ସାହାଯ୍ୟ ଆଣିବା ପାଇଁ ଆମ ସରକାର ଜୋରଦାର ଉଦ୍ୟମ ଚାଲୁ ରଖିଛନ୍ତି ଏବଂ କେନ୍ଦ୍ର ସରକାର ମଧ୍ୟ ଆମପ୍ରତି ଦରଦଶୀଳ । ଏହାର ନମୁନା ସ୍ୱରୂପ ମୁଁ ଏ ଗୃହରେ ଜଣାଇବାକୁ ଚାହେଁ ଯେ

ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ଦିଲ୍ଲୀଗସ୍ତ ବେଳେ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରି ଜାତୀୟ ବିପର୍ଯ୍ୟୟ ସାହାଯ୍ୟ ପାଣ୍ଠିରୁ ଆଉ 300 କୋଟି ଟଙ୍କା ଆଣିବାରେ ସମର୍ଥ ହୋଇଛନ୍ତି । ନିକଟ ଭବିଷ୍ୟତରେ ଜାତୀୟ ଦୁର୍ବିପାକ ସାହାଯ୍ୟ ପାଣ୍ଠିରୁ ଆଉ ଅଧିକ ଟଙ୍କା ପାଇବା ପାଇଁ ସରକାର ଆଶାବାଦୀ ଏବଂ ଉପରବର୍ଣ୍ଣିତ ବୈଦେଶିକ ସାହାଯ୍ୟ ବାବଦରୁ ଅନ୍ତତ: 1000 କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯଥାଶୀଘ୍ର ରାଜ୍ୟ ସରକାର ପ୍ରାପ୍ତ ହେବେ ବୋଲି ଆଶା ବାନ୍ଧିଛନ୍ତି । ଏହା ଫଳବତୀ ହେଲା ପରେ ରାଜ୍ୟର ଅର୍ଥନୈତିକ ସ୍ଥିତିରେ ସାମାନ୍ୟ ଉନ୍ନତି ଓ ଗତିଶୀଳତା ସୃଷ୍ଟି ହୋଇପାରିବ ବୋଲି ମୋର ଦୃଢ ଆସ୍ଥା ରହିଛି ।

୬. ମାନନୀୟେଷୁ , ଆମ ସରକାରଙ୍କ ପ୍ରଚେଷ୍ଟା କେବଳ ଅଣଯୋଜନା ଖର୍ଚ୍ଚ ପରିମାଣକୁ ସଙ୍କୁଚିତ କରିବାରେ ସୀମିତ ନ ରହି ସାଧାରଣ ଟିକସ ଦାତାଙ୍କୁ ଅତ୍ୟଧିକ ନ ବାଧିଲାଭଳି ବିଭିନ୍ନ ସଂସ୍କାର ମୂଳକ ବ୍ୟବସ୍ଥା ଜରିଆରେ ରାଜ୍ୟର ଟିକସ ଓ ଅଣଟିକସ ରାଜସ୍ୱ ଅଭିବର୍ଦ୍ଧନ କରି ଅର୍ନ୍ତନିହିତ ସମ୍ବଳ ସଂଗ୍ରହ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚାହାନ୍ତି । ସମସ୍ତ ରାଜସ୍ୱ ନଅଣ୍ଟ ପରିମାଣକୁ ଭରଣାକରି ଯୋଜନା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ରାଜ୍ୟକୁ ବିକାଶାଭିମୁଖୀ କରିବା ପାଇଁ ଯେତିକି ସମ୍ବଳ ଆବଶ୍ୟକ ତାହା ସଂଗ୍ରହ କରିବା ପାଇଁ ଆମ ସରକାର ସଙ୍କଳ୍ପବଦ୍ଧ । ଫଳତ: ଗତ

ସରକାରଙ୍କ ଦ୍ୱାରା ପ୍ରଣୀତ ହୋଇଥିବା 2000-01 ବର୍ଷ ପାଇଁ ବାର୍ଷିକ ଯୋଜନାର ଆକାର ଓ ରୂପରେଖର ଗୁଣାତ୍ମକ ପରିବର୍ତ୍ତନ ସଙ୍ଘଟିତ ହେବ ବୋଲି ମୁଁ ଏ ଗୃହକୁ ଭରସା ଦେବାକୁ ଚାହେଁ ।

7. ଆମ ସରକାରଙ୍କ ଅଗ୍ରାଧିକାର ତାଲିକାରେ ବାତ୍ୟାଂଚଳ ଲୋକଙ୍କ ଥଇଥାନ ଓ ପୁନର୍ବାସନ, ବେକାର ଯୁବକ ଯୁବତୀଙ୍କ ଆତ୍ମନିଯୁକ୍ତି ଯୋଜନା, ରାଜ୍ୟ ଅଣଜଳସେଚିତ ଅଂଚଳକୁ ଜଳସେଚନର ସଂପ୍ରସାରଣ ଏବଂ ଚାଷ ଓ ଚାଷୀର ଉନ୍ନତିବିଧାନ ଓ ନିରାପତ୍ତା ପ୍ରଦାନ ଅର୍ନ୍ତଭୁକ୍ତ ।

8. ପ୍ରଶାସନ ତଥା ସାଧାରଣ ଜୀବନକୁ ନିର୍ମଳ ଓ ଦୁର୍ନୀତିମୁକ୍ତ କରିବା ସଙ୍ଗେସଙ୍ଗେ ସମାଜରୁ ଭ୍ରଷ୍ଟାଚାରକୁ ଦୂରକରିବା ପାଇଁ ଏବଂ ଏକ ବାତାବରଣ ସୃଷ୍ଟି ନିମନ୍ତେ ଭ୍ରଷ୍ଟାଚାରୀଙ୍କ ବିରୁଦ୍ଧରେ ବିଭିନ୍ନ ଦୁର୍ନୀତି ମାମଲାଗୁଡିକୁ ତୁରନ୍ତ ଫଇସଲା କରିବା ପାଇଁ ସମୂଚିତ ବ୍ୟବସ୍ଥା ପ୍ରଣୟନ କରିବା ପାଇଁ ଆମ ସରକାର ଦୃଢ ପ୍ରତିଜ୍ଞ ।

9. ରାଜ୍ୟ ପୋଲିସ ବାହିନୀକୁ ଲୋକାଭିମୁଖୀ କରି ଅପରାଧ ନିରାକରଣ ଓ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଅଧିକ କ୍ରିୟାଶୀଳ କରିବା ପାଇଁ ଆମ ସରକାର ପ୍ରତିଜ୍ଞାବଦ୍ଧ ।

10. ପ୍ରଚଳିତ କୃଷି ଓ ଶିଳ୍ପ ନୀତିକୁ ଅଧିକ ପ୍ରାସଙ୍ଗିକ ଓ ସମୟୋପଯୋଗୀ କରି କୃଷି ଅର୍ଥନୀତି ଉପରେ ଭିତ୍ତି କରୁଥିବା ଓଡିଶାର ଅର୍ଥନୀତିର ଉନ୍ନତିବିଧାନ ଓ ଗୁଣାତ୍ମକ ପରିବର୍ତ୍ତନ ପାଇଁ ନିଷ୍ଠାପର ଉଦ୍ୟମ କରାଯିବ । ଏହି ଚାରିମାସ ଭିତରେ କୌଣସି ବିକାଶମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ନାହିଁ ଏବଂ ସମାଜିକ ସୁରକ୍ଷା ବ୍ୟବସ୍ଥାକୁ  ଅଧିକ ଦୃଢୀଭୂତ କରାଯାଇ ରାଜ୍ୟରେ ଏକ ଲୋକାଭିମୁଖୀ ସରକାର ପ୍ରତିଷ୍ଠା କରିବା ପାଇଁ ସମସ୍ତ ଆନ୍ତରିକ ପ୍ରଚେଷ୍ଟା ଜାରୀରଖିବା ପାଇଁ ମୁଁ ଆମ ସରକାରଙ୍କ ତରଫରୁ ମାନ୍ୟବର ସଭ୍ୟମାନଙ୍କୁ ପ୍ରତିଶ୍ରୁତି ଦେଉଛି । ଜନସାଧାରଣଙ୍କ ନିକଟରେ ଆମ ମେଣ୍ଟ ତରଫରୁ ନିର୍ବାଚନ ବେଳେ ଯେଉଁ ସର୍ବନିମ୍ନ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା ତାକୁ କାର୍ଯ୍ୟକାରୀ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କଲାବେଳେ ମୁଁ ସେଗୁଡିକ ଯଥାଯଥ ଗୁରୁତ୍ୱର ସହ କାର୍ଯ୍ୟକାରୀ କରିବା ପାଇଁ ସମ୍ୟକ୍ ପ୍ରଚେଷ୍ଟା କରିବି ବୋଲି ଏ ପବିତ୍ର ଗୃହରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ରାଜ୍ୟର ସାମୁହିକ ବିକାଶ ପାଇଁ ପୁଣି ଥରେ ବିବେକାନନ୍ଦଙ୍କ ବାଣୀ "ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ତ ବରାନ୍ ନିବୋଧତ" ଜରିଆରେ ଅବାହନ କରି ମାନ୍ୟବର ସଭ୍ୟମାନଙ୍କୁ ପୁଣି ମୋର ବିନମ୍ର ପ୍ରଣତି ଜଣାଉଛି ।

ଜୟହିନ୍ଦ୍

ପରିଶିଷ୍ଟ – 'କ'

## 1990–91 ଆର୍ଥିକ ବର୍ଷରୁ 2000–20001 ପର୍ଯ୍ୟନ୍ତ
## ରାଜସ୍ୱ ଆୟ ଏବଂ ରାଜସ୍ୱ ବ୍ୟୟର ତୁଳନାତ୍ମକ ଚିତ୍ର

( କୋଟି ଟଙ୍କାରେ )

| ବର୍ଷ | ରାଜସ୍ୱ ଆୟ | ରାଜସ୍ୱ ବ୍ୟୟ | ବଳକା (+)<br>ନିअଣ୍ଟ (–) |
|---|---|---|---|
| 1990–91 | 2170.94 | 2190.53 | – 19.59 |
| 1991–92 | 2447.31 | 2635.02 | – 187.71 |
| 1992–93 | 2913.16 | 3048.88 | – 135.72 |
| 1993–94 | 3208.23 | 3479.37 | – 271.14 |
| 1994–95 | 3575.87 | 4035.52 | – 459.65 |
| 1995–96 | 3890.71 | 4697.81 | – 807.10 |
| 1996–97 | 4286.76 | 5117.25 | – 830.49 |
| 1997–98 | 4632.03 | 5536.48 | – 904.45 |
| 1998–99 | 4554.40 | 6819.15 | – 2264.75 |
| 1999–2000<br>R.E. | 6510.93 | 8687.37 | – 2176.44 |
| 2000–2001 | 6827.31 | 8933.13 | – 2105.82 |

PRINTED AT ORISSA GOVERNMENT PRESS, CUTTACK-10